# ରାୟଗଡ଼ା ଜିଲାରେ କମୁଛି ଭୂତଳ ଜଳସ୍ତର

ରାୟଗଡା,୧୫।୫ (ଭାଗ୍ୟଶ୍ରୀ ମିଶ୍ର )




- ବୋର୍‌ୱେଲ ଖନନ ଉପରେ ଲାଗୁନି ରୋକ୍
- ଜଳ ସଂରକ୍ଷଣ ପାଇଁ ନିଆଯାଉନି ପଦକ୍ଷେପ
- ଜଳକଷ୍ଟ ଭୋଗିବେ ରାୟଗଡ଼ାବାସୀ

ରାୟଗଡ଼ା ଜିଲାରେ ଦିନକୁ ଦିନ ଭୂତଳ ଜଳସ୍ତର କମିବାରେ ଲାଗିଛି। ଜିଲାରେ ବହୁ ଶିଳ୍ପସଂସ୍ଥା ଗଢ଼ି ଉଠିଥିବାବେଳେ ଜନସଂଖ୍ୟା ବୃଦ୍ଧି ଯୋଗୁ ଜଳର ବ୍ୟବହାର ମଧ୍ୟ ବଢ଼ିଛି। ହେଲେ ସେହି ଅନୁପାତରେ ଜଳର ସଂରକ୍ଷଣ ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଆଗାମୀ ଦିନରେ ଜଳ ସଙ୍କଟ ଦେଖାଯିବା ସୁନିଶ୍ଚିତ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ଜିଲାରେ ବେଆଇନ ଭାବେ ଘରୋଇ ଏବଂ ବ୍ୟବସାୟିକ କାର୍ଯ୍ୟକ୍ରମ ପାଇଁ ପ୍ରତିଦିନ ଅନେକ ବୋର୍‌ୱେଲ ଖନନ କରାଯାଉଛି । ହେଲେ ଏହାର ହିସାବ ବିଭାଗୀୟ ଅଧିକାରୀଙ୍କ ପାଖରେ ରହୁନାହିଁ କିମ୍ବା ଜଣେ ବୋର୍‌ୱେଲ ଖନନ ପୂର୍ବରୁ କୌଣସି ଅନୁମତି ନେବାକୁ ପଡୁନାହିଁ । ଏହାଦ୍ୱାରା ମନଇଚ୍ଛା ବୋର୍‌ୱେଲ ଖନନ କରାଯାଉଛି ; ଯାହାକି ଭୂତଳ ଜଳସ୍ତର ହ୍ରାସର ଏକ ପ୍ରମୁଖ କାରଣ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି। ଭୂତଳ ଜଳର ସଂରକ୍ଷଣ, ନିୟନ୍ତ୍ରଣ ଏବଂ ଏହାର ପରିଚାଳନା ପାଇଁ ସରକାର ଅନେକ ପ୍ରୟାସ କରୁଥିଲେ ମଧ୍ୟ ତାହା ଜିଲାରେ କାର୍ଯ୍ୟକାରୀ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଜିଲାରେ ଭୂତଳ ଜଳ ଉନ୍ନୟନ ବିଭାଜନ କାର୍ଯ୍ୟାଳୟ ଥିଲେ ମଧ୍ୟ କର୍ମଚାରୀ ଅଭାବରୁ ତାହା କୋମା ଅବସ୍ଥାରେ ରହିଛି । ଭୂତଳ ଜଳର ଉନ୍ନୟନ ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଜିଲାରେ ୨୦୧୯ରୁ ୨୦୨୩ ପର୍ଯ୍ୟନ୍ତ ପ୍ରତିବର୍ଷ ଜଳସ୍ତର କମୁଥିବା ଜଣାପଡ଼ିଛି । ତେବେ ଜିଲାରେ ସବୁଠୁ ଭଲ ସ୍ଥିତି ପଦ୍ମପୁରର ଜଳ ସ୍ତର ରହିଥିବାବେଳେ ସବୁଠୁ ଖରାପ ସ୍ଥିତି ରାୟଗଡ଼ା ବ୍ଲକ୍‌ରେ ରହିଛି । ରାୟଗଡ଼ା ଭୂତଳ ଜଳ ଉନ୍ନୟନ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ବିଷମକଟକ ବ୍ଲକରେ ଭୂତଳ ଜଳସ୍ତର ୪.୯୬ ମିଟର ଥିବା ବେଳେ ୨୦୨୩ରେ ୭.୭୭ ମିଟର ରହିଛି। ଚନ୍ଦ୍ରପୁରରେ ୧୦.୨୩ ଥିବା ବେଳେ ୧୦.୨୨, ଗୁଡାରି ୧୦.୪୬ ଥିବା ବେଳେ ୧୨.୩୯ ରହିଛି । ସେହିପରି ଗୁଣପୁର ୧୩.୦୧ ଏବଂ ୬.୨୦ ରହିଥିବା ବେଳେ ୫ ବର୍ଷ ପରେ ତାହା ୧୩.୪୯ ଏବଂ ୩.୪୫ ମିଟର ରହିଛି । ଅନୁରୂପ ଭାବେ କେସିଂପୁରର ୨ଟି ସ୍ଥାନ ୧୭.୧୫ଏବଂ ୪.୦୪ ରହିଥିବା ବେଳେ ତାହା ୨୦୨୩ ରେ ୧୫.୦୯ ଏବଂ ୩.୩୯ ହୋଇଛି । କାଶୀପୁରରେ ୪.୬୩ ଥିବା ବେଳେ ବର୍ତ୍ତମାନ ୬.୮୬, କୋଲନରାରେ ୧୦.୨୫ ମିଟର ଥିବାବେଳେ ୧୦.୨୮, ମୁନିଗୁଡ଼ାରେ ୯.୧୪ ଥିବାବେଳେ ୯.୪୪, ପଦ୍ମପୁରର ୨ଟି ସ୍ଥାନରେ ୬.୮୮ ଏବଂ ୨.୩୮ ଥିବା ବେଳେ ୬.୬୧ ଏବଂ ୧.୨୩ ହୋଇଛି। ରାମନାଗୁଡ଼ାରେ ୭.୪୧ ରହିଥିଲା ବେଳେ ୨୦୨୩ରେ ୭.୬୩, ରାୟଗଡ଼ାର କୁମୁଟିପେଣ୍ଟରେ ୧୯.୦୭ ଥିବା ବେଳେ ୧୯.୫୩ ରହିଛି । ସେହିପରି ଜେମାଦେଈ ପେଣ୍ଟରେ ୨୦.୬୩ ରହିଥିବା ବେଳେ ୧୯.୮୦ ରହିଛି । ରାୟଗଡା ଜିଡବ୍ଲ୍ୟୁଡି ଡିଭିଜନ କାର୍ଯ୍ୟାଳୟରେ ୨୦୧୯ରେ ୨୨.୨୪ ରହିଥିବା ବେଳେ ୨୯.୩୧ ମିଟର ଜଳସ୍ତର ରହିଛି । ଏ ନେଇ ରାୟଗଡ଼ାର ଜଳତତ୍ତ୍ୱବିତ୍ ଜ୍ୟୋତିପ୍ରସାଦ ଦାସଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଜିଲାରେ ଜଳସ୍ତର କମିବା ଆଗାମୀ ଦିନ ପାଇଁ ଚିନ୍ତାଜନକ। ତେଣୁ ଲୋକେ ସଚେତନ ହେବା ସହ ଜଳ ସଂରକ୍ଷଣ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ତେବେ ବୋର୍‌ୱେଲ ଖନନ ଉପରେ ରୋକ୍ ଲଗାଇବା ପାଇଁ ଆମକୁ ଉପରିସ୍ଥ ଅଧିକାରୀଙ୍କ ପାଖରୁ କୌଣସି ନିର୍ଦ୍ଦେଶ ଆସିନାହିଁ । ସେହିଭଳି ଭୂତଳ ଜଳସ୍ତର ବୃଦ୍ଧି ପାଇଁ ବିଭାଗ କୌଣସି ଉନ୍ନୟନମୂଳକ କାର୍ଯ୍ୟକ୍ରମ କରିବକୁ ନିର୍ଦ୍ଦେଶ ନ ଥିବା ସେ କହିଛନ୍ତି।

## ପ୍ରମାଣିତ ହୋଇପାରିଲାନି ହତ୍ୟା ଅଭିଯୋଗ
## ଅନ୍ୟ ଦଫାରେ ୧୦ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ଗୁଣପୁର,୧୫।୫ (ପ୍ରଦୀପ କୁମାର ପାଢୀ)

**୨୦ ବର୍ଷ ପରେ ବିଶ୍ୱନାଥ ଚୌଧୁରୀ ହତ୍ୟା ମାମଲାର ରାୟ ପ୍ରକାଶ**

ରାୟଗଡା ଜିଲା ଗୁଣପୁର ଏଡିଜେଙ୍କ କୋର୍ଟରେ ବୁଧବାର ୨୦୦୪ରେ ହୋଇଥିବା ବିଶ୍ୱନାଥ ଚୌଧୁରୀଙ୍କ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। କୋର୍ଟରେ ସାକ୍ଷ୍ୟ ପ୍ରମାଣ ଅଭାବରୁ ହତ୍ୟା ଅଭିଯୋଗ ପ୍ରମାଣିତ ହୋଇପାରି ନ ଥିଲା । ତେବେ ଏଡିଜେ ଶେଖ୍ ମହମ୍ମଦ କ୍ୱାଇସି ଦଫା ୧୪୭, ୧୪୯, ୩୨୩ ଏବଂ ୪୫୨ରେ ୧୦ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲଦଣ୍ଡ ସହ ୫ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକା ୬ ମାସ ଜେଲଦଣ୍ଡରେ ଦଣ୍ଡିତ ହେବେ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ଅଭିଯୋଗରୁ ଜଣାଯାଏ, ଢେପ ସାହିରେ ରହୁଥିବା ମୃତ ବିଶ୍ୱନାଥଙ୍କ ବାପା ଶିବ ପ୍ରସାଦ ଚୌଧୁରୀ ଚିଟ୍‌ଫଣ୍ଡ କାରବାର କରୁଥିଲେ। ଚିଟଫଣ୍ଡ ଟଙ୍କା ଫେରାଇବାକୁ ଅନେକ ସମୟରେ ଅଭିଯୁକ୍ତମାନେ ଦାବି କରୁଥିଲେ ମଧ୍ୟ ସେ ଟଙ୍କା ଫେରାଉ ନ ଥିଲେ। ୨୦୦୪ ମେ ୧୧ ଅପରାହ୍ନ ୩ଟାରେ ୧୦ ଜଣ ଅଭିଯୁକ୍ତ ସଂଘବଦ୍ଧ ଭାବେ ଢେପରେ ରହୁଥିବା ଶିବଙ୍କ ଘରକୁ ଟଙ୍କା ମାଗିବାକୁ ଯାଇଥିଲେ। ଏହାକୁ ନେଇ ଶିବ ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ଗଣ୍ଡଗୋଳ ଏବଂ ମାରପିଟ ହୋଇଥିଲା। ଏହି ସମୟରେ ଶିବଙ୍କ ପୁଅ ବିଶ୍ୱନାଥ ଚୌଧୁରୀଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଘଟଣାର ପରଦିନ ଅର୍ଥାତ ୧୨ ତାରିଖ ୩ଟାବେଳେ ବିଶ୍ୱନାଥଙ୍କ ମୃତ୍ୟୁ ହୋଇଥିଲା। ଶିବଙ୍କ ଅଭିଯୋଗକ୍ରମେ ପୋଲିସ ୧୦ ଜଣ ମର୍ତ୍ତିଂ ମିନାରାଓ, ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ, ବାସା ବାଉରି, ଗୁରୁଜାପା ଗଣେଷ ସେଠୀ, ପୂର୍ଣ୍ଣଚନ୍ଦ୍ର ବାଉରି, ମନୋଜ ପାଣି, ଦେବୀ ପ୍ରସାଦ ପାଣି, ଶିବ ପ୍ରସାଦ ପାଣି, ଅନିଲ ସାହୁକାର ଏବଂ ଜଗମହୋନ ପଣ୍ଡାଙ୍କ ନାମରେ ଦଫା ୩୦୨ ସହ ୧୪୭, ୧୪୯, ୩୨୩, ୪୫୨ରେ ମାମଲା ରୁଜୁ କରିଥିଲେ। ଏହି ମାମଲାର ଗୁଣପୁର ଏଡିଜେ କୋର୍ଟରେ ବିଚାର ଚାଲୁ ରହିଥିଲା। ୨୦ ବର୍ଷ ପରେ ବୁଧବାର ଏଡିଜେ ହତ୍ୟା ମାମଲାର ଶୁଣାଣି କରିବାବେଳେ ସାକ୍ଷ୍ୟ ପ୍ରମାଣ ଅଭାବରୁ ପ୍ରମାଣିତ ହୋଇପାରି ନ ଥିଲା। ତେବେ ଦଫା ୧୪୭,୧୪୯,୩୨୩ ଏବଂ ୪୫୨ରେ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ ଦଣ୍ଡ ଶୁଣାଇଥିଲେ। ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହେବା ପରେ କୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ। କୋର୍ଟ ସେମାନଙ୍କୁ ଏକ ମାସ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଅଭିଯୁକ୍ତଙ୍କ ପାଇଁ ଫଣି ଭୂଷଣ ପଟ୍ଟନାୟକ, ଉମା ଚରଣ ପଟ୍ଟନାୟକ, ବ୍ରହ୍ମାନନ୍ଦ ପଟ୍ଟନାୟକ ଏବଂ ସରକାରଙ୍କ ପକ୍ଷରୁ ରାଜେନ୍ଦ୍ର ପ୍ରସାଦ ସାହୁ ମାମଲା ପରିଚାଳନା କରୁଥିଲେ।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ନେଇ ଆଇନ ସଚେତନତା

ମୁନିଗୁଡ଼ା,୧୫।୫
(ନନ୍ଦକିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡାର ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ବିଷମକଟକ ତାଲୁକ ଆଇନ ସେବା କମିଟି ତରଫରୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନେଇ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ତାଲୁକ ଆଇନ ସେବା କମିଟି ଅଧକ୍ଷା ତଥା ସବ୍‌ଜଜ୍ ଅରୁନ୍ଧତୀ ଆଚାର୍ଯ୍ୟ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୁନିଗୁଡା ପ୍ରଥମ ଶ୍ରେଣୀ ବିଚରାବିଭାଗୀୟ ବିଚାରପତି ଅଭିନନ୍ଦନ ରାୟ, ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଦୀପା, ବ୍ରହ୍ମାକୁମାର ଅମିତ କୁମାର ପ୍ରମୁଖ ଯୋଗଦେଇ ପ୍ଲାଷ୍ଟିକ ଧୂଆଁ ଯକ୍ଷ୍ମାର କାରଣ ଓ ଦୂଷିତ ପାଣି ଯୋଗୁ କିଡ୍‌ନୀ ରୋଗର କାରଣ ବୋଲି କହିଥିଲେ। କଠିନ ବର୍ଜ୍ୟବସ୍ତୁ ପରିଚାଳନାର ସରକାରୀ ନିୟମ ଉପରେ ପ୍ରଥମ ଶ୍ରେଣୀ ବିଚାରପତି ରାୟ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସରକାରୀ ଆଇନଜୀବୀ ଶ୍ରୀକାନ୍ତ ପଟ୍ଟନାୟକ, ଆଇନଜୀବୀ ଭବାନୀ ଶଙ୍କର ସେନାପତି, ସୁଧାକର ମହାରଣା, ମନୋଜ ପାତ୍ର, ଦାମୋଦର ମହାପାତ୍ର, ମନମୋହନ ପାତ୍ର, ବଣିକ ସଂଘ ସଭାପତି ଚିନ୍ତାମଣି ସାହୁ, ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ଭଉଣୀ ଭାଇ ଉପସ୍ଥିତି ଥିଲେ । ଶେଷରେ ଆଇନଜୀବୀ ରାଧା ରମଣ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ‘ଶୃଙ୍ଖଳିତ ଜୀବନ ହିଁ ଛାତ୍ରୀଛାତ୍ରଙ୍କୁ ସୁନାଗରିକ କରିଥାଏ’



ବରିଷ୍ଠ ନାଗରିକ କୃଷ୍ଣ ପ୍ରସାଦ ବେବର୍ତ୍ତା ଉଦ୍‌ବୋଧନ ଦେଉଛନ୍ତି।

ଗୁଣପୁର,୧୫।୫(ପ୍ରଦୀପ କୁମାର ପାଢ଼ୀ)

**ଶିଶୁ ଯତ୍ନ ଅନୁଷ୍ଠାନର ୪୫ତମ ପ୍ରତିଷ୍ଠା ଉତ୍ସବ**

ରାୟଗଡ଼ା ଜିଲା ଗୁଣପୁର ସହର ନିକଟ ଲିମାମେଡ଼ାଠାରେ ଥିବା ବାଳ ନିକେତନ ଶିଶୁଯତ୍ନ ଅନୁଷ୍ଠାନ ପରିସରରେ ବୁଧବାର ଏହାର ୪୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନାଗରିକ ତଥା କୃଷିବିତ୍ କୃଷ୍ଣପ୍ରସାଦ ବେବର୍ତ୍ତା ଯୋଗଦେଇ ଅନ୍ତେବାସୀଙ୍କୁ ଶୃଙ୍ଖଳିତ ଜୀବନ ଅତିବାହିତକରି ଭବିଷ୍ୟତରେ ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅନୁଷ୍ଠାନ ବହୁ ସଂଘର୍ଷକରି ଆଜି ୪୫ ବର୍ଷରେ ପଦାର୍ପଣକରି ସାରା ରାଜ୍ୟରେ ଏକ ଆଦର୍ଶ ଶିଶୁଗୃହ ଭାବେ ବେଶ୍ ସୁନାମ ଅର୍ଜନ କରିଛି। ତେଣୁ ସମସ୍ତେ ଅନୁଷ୍ଠାନ ପ୍ରତି ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ସେବା ମନୋବୃତ୍ତି ନେଇ ସମ୍ପନ୍ନ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲିମାମେଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୈଳେନ୍ଦ୍ରୀ ପଣ୍ଡା, ସାମାଜିକ କର୍ମୀ ଉମାଶଙ୍କର ଦାଶ, ସ୍ଥାନୀୟ ଲୋକ ପ୍ରତିନିଧି ଗୌରଚନ୍ଦ୍ର ସେନାପତି ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ବାଞ୍ଛାନିଧି ମହାନ୍ତିଙ୍କ ଭଳି ଗାନ୍ଧୀ, ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ପ୍ରତିଷ୍ଠାତା ବାଞ୍ଛାନିଧି ଯେପରି ଅନୁଷ୍ଠାନକୁ ଗଢ଼ିତୋଳି ଥିଲେ ଓ ଅନ୍ତେବାସୀଙ୍କ ସେବାକୁ ଭଗବାନଙ୍କ ସେବା ଭାବି ଜୀବନର ସର୍ବସ୍ୱ ଉତ୍ସର୍ଗୀକୃତ କରିଛନ୍ତି, ସେହିପରି ପିଲାମାନେ ମଧ୍ୟ ଛାତ୍ର ଜୀବନରୁ ପରିଶ୍ରମୀ, ଅଧ୍ୟବସାୟ, କର୍ତ୍ତବ୍ୟନିଷ୍ଠ ଓ ସମୟାନୁବର୍ତ୍ତୀ ହେବାକୁ ଆହ୍ୱାନ ଦେଇଥିଲେ । ଅନୁଷ୍ଠାନର ସୁପରିଚାଳନା ପାଇଁ ପରିଚାଳନା କମିଟିର ସମସ୍ତ ସହଯୋଗ ସବୁବେଳେ ଯୋଗାଇ ଦିଆଯାଇଛି। ଆଗକୁ ଆହୁରି ଅନୁଷ୍ଠାନ ଅନ୍ତେବାସୀଙ୍କ ନିମନ୍ତେ ଧନ୍ଦାମୂଳକ ଶିକ୍ଷା ପାଇଁ ନୂଆ ପ୍ରକଳ୍ପ କରାଯିବ ବୋଲି ଅନୁଷ୍ଠାନ ସଭାପତି ଏଲ୍ .ସୁରେଶ କହିଥିଲେ। ଅନୁଷ୍ଠାନର ଛାତ୍ର କେଶବ ଶବର, ଦୀନବନ୍ଧୁ ଶବର ଓ ପ୍ରେମସ ଶବର ଅନୁଷ୍ଠାନର ଅନୁଭୂତି ସମ୍ପର୍କରେ କହିଥିଲେ। ବାର୍ଷିକ ଉତ୍ସବ ଅବସରରେ ପିଲାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ଅନ୍ତେବାସୀଙ୍କୁ ପୁରସ୍କୃତ କରାଯାଇଥିଲା । ଅନୁଷ୍ଠାନ ପରିଚାଳକ ଅକ୍ଷୟ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କଳା ଓ ସଙ୍ଗୀତ ଶିକ୍ଷକ ନବୀନଚନ୍ଦ୍ର ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ସମସ୍ତ ଅନ୍ତେବାସୀ, କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ପାର୍ଥ ନବରଙ୍ଗପୁର ଜିଲାରେ ଟପ୍ପର, ରାଜ୍ୟ ସ୍ତରରେ ତୃତୀୟ

ଡାବୁଗାଁ,୧୫।୫(ପ୍ରଜ୍ଞାରଞ୍ଜନ ପରିଡା)

**ପ୍ରାଦେଶିକ ମେଧା ପରୀକ୍ଷା**



ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସଦର ମହକୁମାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତମ ଶ୍ରେଣୀର ଛାତ୍ର ପାର୍ଥସାରଥି ସାହୁ ପ୍ରାଦେଶିକ ମେଧା ପରୀକ୍ଷାରେ ନବରଙ୍ଗପୁର ଜିଲାରେ ଟପ୍ପର ହେବା ସହ ରାଜ୍ୟ ସ୍ତରରେ ତୃତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ଏହି ସଫଳତା ପରେ ବିଭିନ୍ନ ସ୍ଥାନରୁ ପାର୍ଥଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି । ଗୀତାରାଣୀ ରଣା ଓ ମାନସ ନାରାୟଣ ସାହୁଙ୍କ ପୁଅ ପାର୍ଥ ମୋଟ ୨୦୦ ନମ୍ବର ପରୀକ୍ଷା ଦେଇଥିବା ବେଳେ ୧୭୮ ନମ୍ବର ରଖି ପ୍ରାଦେଶିକ ମେଧା ପରୀକ୍ଷା-୨୦୨୩-୨୪ରେ ଉତ୍ତୀର୍ଣ୍ଣ ହୋଇ ନବରଙ୍ଗପୁର ଜିଲାରେ ଟପ୍ପର ହୋଇଛନ୍ତି। ପୁଅର ଏଇ ସଫଳତା ପାଇଁ ଡାବୁଗାଁ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଗୁରୁଜୀ, ସମସ୍ତ ଗୁରୁଜୀ, ଗୁରୁମା’ମାନଙ୍କୁ ପାର୍ଥଙ୍କ ମା’ବାପା ଧନ୍ୟବାଦ ଜଣାଇଛନ୍ତି ।

## ଚୁଲି ନିଆଁରେ ପୋଡ଼ିହୋଇ ଶିଶୁକନ୍ୟା ଗୁରୁତର



ପଦ୍ମପୁର, ୧୫।୫ (ପ୍ରଶାନ୍ତ କୁମାର କର)- ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଆଖୁସିଂ ପଞ୍ଚାୟତର ସନ୍ଧିଖଳା ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ମା’ ରଶ୍ମିତା ଶବର ଚୁଲିରେ ରୋଷେଇ କରୁଥିବାବେଳେ ଜଣେ ୫ ବର୍ଷର ଶିଶୁକନ୍ୟା ତନୁଜା ଶବର ନିଆଁରେ ପୋଡ଼ିହୋଇ ଗୁରୁତର ଆହତ ହୋଇଛନ୍ତି। ରଶ୍ମିତା ଚୁଲିରେ ଭାତହାଣ୍ଡି ବସାଇଥିବା ସମୟରେ ଶିଶୁଟି ଚୁଲି ପାଖରେ ବସିଥିଲେ। ତେବେ ହଠାତ୍ ଶିଶୁର ଡ୍ରେସ୍‌ରେ ନିଆଁ ଲାଗିଯାଇଥିଲା। ପରିବାର ଲୋକେ ନିଆଁ ଲିଭାଇବା ବେଳକୁ ଶିଶୁର ଶରୀରର ୪୦ଭାଗ ପୋଡ଼ିଯାଇଥିବା ଜଣାପଡ଼ିଛି। ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଶିଶୁର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ପଦ୍ମପୁର ଡାକ୍ତର ଚିନ୍ମୟ ସାମିଲ ତାଙ୍କୁ ରାୟଗଡ଼ା ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି।

## ସକାଳୁଆ କାର୍ଯ୍ୟାଳୟ, ୧୦ଟାରେ ଖୋଲୁଛି ଅଫିସ୍

ରାୟଗଡା,୧୫।୫(ଆଶିଷ ରଞ୍ଜନ ପଣ୍ଡା)

**ସରକାରୀ ନିୟମକୁ ଫୁ**

ଖରା ବଢ଼ିବାରୁ ରାଜ୍ୟ ସରକାର ସକାଳୁଆ କାର୍ଯ୍ୟାଳୟ ଘୋଷଣା କରିଥିଲେ। ହେଲେ ଜିଲାରେ ଅନେକ କାର୍ଯ୍ୟାଳୟ ପୂର୍ବପରି ୧୦ଟାରେ ଖୋଲୁଥିବା ଅଭିଯୋଗ ହେଉଛି। ସକାଳ ୭ରୁ ୧ଟା ଯାଏଁ ଅଫିସ ଖୋଲାଯିବା ନିୟମ ରହିଥିବା ବେଳେ ବିଭାଗୀୟ କର୍ମଚାରୀ ଦିନ ୧୦ଟାରେ ଅଫିସ ଆସୁଛନ୍ତି। ଅଧିକାରୀ, କର୍ମଚାରୀଙ୍କ ଅଫିସ ଆସିବାରେ ବିଳମ୍ବ ଯୋଗୁ ଛୋଟିଆ କାମ ପାଇଁ ସାଧାରଣ ଲୋକେ ସକାଳ ୭ରୁ ଆସି ଦିନ ୧୨ଟା ପର୍ଯ୍ୟନ୍ତ ୪୦ ଡିଗ୍ରୀ ତାତିରେ ଅପେକ୍ଷା କରିବାକୁ ବାଧ୍ୟ ହେଉଛନ୍ତି। ଏଭଳିକି କେତେଜଣ କର୍ମଚାରୀ ଅଫିସ ଆସି ମୁହଁ ଦେଖାଇ ଚାଲିଯାଉଥିବା ଅଭିଯୋଗ ହେଉଛି। ବୁଧବାର କାର୍ଯ୍ୟ ଦିବସରେ ବିଦ୍ୟାଳୟ ସମୂହ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ତାଲା ପଡିଥିବା ଦେଖିବାକୁ ମିଳିଛି। ଜିଲାସ୍ତରୀୟ କାର୍ଯ୍ୟାଳୟକୁ ନିଜ କାର୍ଯ୍ୟ ପାଇଁ ଦୂରଦୂରାନ୍ତରୁ ଲୋକେ ଆସି ଅଧିକାରୀଙ୍କୁ ନ ପାଇ ହତାଶ ହୋଇ ଫେରୁଥିବା ନଜରକୁ ଆସୁଛି। ଏ ନେଇ ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି। ତେବେ ସରକାର ସକାଳୁଆ ଅଫିସ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସାଧାରଣରେ ଦାବି ହେଉଛି।



କାର୍ଯ୍ୟଦିବସରେ ବିଦ୍ୟାଳୟ ସମୂହ ଶିକ୍ଷା ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ତାଲା ପଡ଼ିଛି।

## ମହିଳା ଭୋଟରଙ୍କ ମତଦାନ ହାର ଅଧିକ

ରାୟଗଡ଼ା,୧୫।୫(ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟରେ ୪ ଲୋକ ସଭା ଓ ୨୮ଟି ବିଧାନସଭା ପାଇଁ ମତଦାନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ଜିଲାର ୩ ବିଧାନସଭା ଆସନ ଗୁଣପୁର, ବିଷମକଟକ ଓ ରାୟଗଡ଼ାରେ ପୁରୁଷଙ୍କ ଅପେକ୍ଷା ଅଧିକ ମହିଳା ଭୋଟର ମତଦାନ କରିଛନ୍ତି। ଜିଲା ସୂଚନା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଜିଲାର ୭,୧୩,୧୫୩ ଭୋଟରଙ୍କ ମଧ୍ୟରୁ ୫,୩୮,୦୫୫ ଭୋଟର ମତଦାନ କରିଛନ୍ତି। ଏହା ମୋଟ ଭୋଟରଙ୍କ ୭୫.୪୫%। ସେହିପରି ଜିଲାରେ ହୋଇଥିବା ୫,୩୮,୦୫୫ ମତଦାନ ମଧ୍ୟରୁ ୨,୫୬,୨୭୧ ପୁରୁଷ ଭୋଟ ଦେଇଥିବାବେଳେ ୨,୮୧,୭୦୫ ମହିଳା ଭୋଟର ମତଦାନ କରିଛନ୍ତ।

**ରାୟଗଡ଼ା ଜିଲାରେ ୭୫.୪୪% ମତଦାନ**

ମିଳିଥିବା ସୂଚନା ପ୍ରକାରେ, ଗୁଣପୁର ନିର୍ବାଚନମଣ୍ଡଳୀରେ ୧,୬୨,୪୭୦ ମତଦାନ କରିଥିବା ଭୋଟରଙ୍କ ମଧ୍ୟରେ ୭୯,୩୫୬ ପୁରୁଷ, ୮୩,୦୮୮ ମହିଳା ଓ ୨୬ ଟ୍ରାନ୍ସଜେଣ୍ଡର ଭୋଟର ରହିଛନ୍ତି। ସେହିପରି ବିଷମକଟକ ନିର୍ବାଚନମଣ୍ଡଳୀରେ ୧,୮୩,୮୬୭ ମତଦାନ ମଧ୍ୟରୁ ୮୫,୨୨୭ ପୁରୁଷ, ୯୮,୬୨୦ ମହିଳା ଓ ୨୦ ଟ୍ରାନ୍ସଜେଣ୍ଡର ଭୋଟର ରହିଛନ୍ତି। ରାୟଗଡ଼ା ନିର୍ବାଚନମଣ୍ଡଳୀରେ ୧,୯୧ ୭୧୮ ଭୋଟରଙ୍କ ମଧ୍ୟରୁ ୯୧,୬୮୮ ପୁରୁଷ, ୯୯,୯୯୭ ମହିଳା ଓ ୩୩ ଟ୍ରାନ୍ସଜେଣ୍ଡର ଭୋଟର ମତଦାନ କରିଛନ୍ତି। ଜିଲାର ୩ ନିର୍ବାଚନମଣ୍ଡଳୀରେ ପୁରୁଷଙ୍କ ଅପେକ୍ଷା ମହିଳା ଭୋଟର ଅଧିକ ମତଦାନ କରିଥିବା ସୂଚନାରୁ ଜଣାପଡ଼ିଛି। ତେବେ ଚଳିତ ଥର ସମସ୍ତ ଆଶାୟୀ ପ୍ରାର୍ଥୀଙ୍କ ପ୍ରଚାରର ମୁଖ୍ୟ ପେଣ୍ଠସ୍ଥଳୀ ପାଲଟିଥିବା ରାୟଗଡ଼ା ନିର୍ବାଚନମଣ୍ଡଳୀର କାଶୀପୁର ବ୍ଲକର ୧,୦୪,୩୯୬ ଭୋଟରଙ୍କ ମଧ୍ୟରୁ ୮୫,୮୪୨ ଭୋଟର ମତଦାନ କରିଛନ୍ତି । ମୋଟ ୪୯,୮୧୬ ପୁରୁଷଙ୍କ ମଧ୍ୟରୁ ୪୧,୪୮୯ ଜଣ ମତଦାନ କରିଛନ୍ତି। ସେହିଭଳି ୫୪,୫୫୫ ମହିଳାଙ୍କ ମଧ୍ୟରୁ ୪୪,୩୪୯ ଏବଂ ୨୫ ଟ୍ରାନ୍ସଜେଣ୍ଡରଙ୍କ ମଧ୍ୟରୁ ୪ ଜଣ ଭୋଟର ମତଦାନ କରିଛନ୍ତି। କାଶୀପୁର ବ୍ଲକରେ ସର୍ବାଧିକ ୮୨.୨୨% ମତଦାନ ହୋଇଥିବା ସୂଚନା ରହିଛି। ଆସନ୍ତା ଜୁନ ୪ ତାରିଖରେ ଭୋଟ ଗଣତି ହେବା ପରେ କୋରାପୁଟ ଲୋକ ସଭା ଆସନ ଏବଂ ଜିଲାର ୩ ବିଧାନସଭା ଆସନର କେଉଁ ପ୍ରାର୍ଥୀ ରାୟଗଡ଼ା ଜିଲାରୁ ଅଧିକ ଭୋଟ ହାତେଇବାରେ ସକ୍ଷମ ହେଉଛନ୍ତି ତାହା ଜଣାପଡ଼ିବ।

### ୮୩,୦୮୮ ମହିଳା କଲେ ମତଦାନ

**ଗୁଣପୁର ନିର୍ବାଚନମଣ୍ଡଳୀ**

ଗୁଣପୁର,୧୫।୫(ପ୍ରଦୀପ କୁମାର ପାଢୀ)- ରାୟଗଡା ଜିଲା ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପୁରୁଷଙ୍କ ତୁଳନାରେ ଅଧିକ ମହିଳା ଭୋଟର ମତଦାନ କରିଛନ୍ତି। ୮୩,୦୮୮ ମହିଳା ଭୋଟର ସେମାନଙ୍କର ମତଦାନ ସାବ୍ୟସ୍ତ କରଥିବା ଜଣାପଡ଼ିଛି। ସେହିପରି ୭୯,୩୫୬ ପୁରୁଷ ଭୋଟର ଏବଂ ୨୬ ଜଣ ତୃତୀୟ ଲିଙ୍ଗ ଭୋଟ ଦେଇଥିବା ଜଣାପଡ଼ିଛି। ଚଳିତ ନିର୍ବାଚନରେ ଭୋଟ ହାର ୭୨.୫୫ ଶତକଡା ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ତେବେ ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୧,୫୯୬୯ ମହିଳା ଏବଂ ୧୦,୭୯୨୮ ପୁରୁଷ ମୋଟ ୨,୨୩,୯୪୭ ଭୋଟର ରହିଛନ୍ତି। ଅନ୍ୟପକ୍ଷରେ ନିର୍ବାଚନ ସରିବା ପରେ ଇଭିଏମ୍ ଗୁଡିକୁ ଗୁଣପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟର ଷ୍ଟ୍ରଙ୍ଗରୁମରେ କଡା ସୁରକ୍ଷା ବ୍ୟବସ୍ଥା ଭିତରେ ରଖାଯାଇଛି। ଜୁନ ୪ରେ ଭୋଟ ଗଣତି ହେବାକୁ ଥିବାବେଳେ ବର୍ତ୍ତମାନ ସବୁ ସାହି ଛକରେ ଗୋଟିଏ ଚର୍ଚ୍ଚା, କିଏ ଜିତିବ। ବିଭିନ୍ନ ରାଜନୈତିକ ଦଳ ସହ ଲୋକଙ୍କ ପକ୍ଷରୁ ଆରମ୍ଭ ହୋଇଛି ଅଙ୍କକଷା। ଚଳିତ ନିର୍ବାଚନରେ ମୁଖ୍ୟତଃ ବିଜେଡି-କଂଗ୍ରେସ ମଧ୍ୟରେ କଡା ଟକ୍କର ହୋଇଥିବା ଆଲୋଚନା ହେଉଛି। ଗତ ନିର୍ବାଚନରେ ଏଠାରେ ବିଜେଡି ବିଜୟ ଲାଭ କରିଥିବାବେଳେ ଗଡ ରକ୍ଷା କରିବାରେ ସଫଳ ହେବ କି ବୋଲି ଚର୍ଚ୍ଚା ଚାଲିଛି। ସେହିପରି କଂଗ୍ରେସ ବିଜେଡିକୁ ପରାସ୍ତ କରି ବିଜୟର ସ୍ୱାଦ ଚାଖିବ କି ବୋଲି ଆଲୋଚନା ରାଜନୀତି ପାଣିପାଗକୁ ସରଗରମ କରିଛି।

